# ତହସିଲ୍ କାର୍ଯ୍ୟାଳୟ, ସଦର କଟକ

ବିଜ୍ଞାପନ ନଂ:-                                                                 ତା :-

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କଟକ ସଦର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ମିସ୍ ସୈରାତ ଉତ୍ସଗୁଡିକ ସନ୍ **2019-20** ବର୍ଷ ନିମନ୍ତେ ଆସନ୍ତା ତା- **18-12-2019** ରିଖ ଦିବା **11:30** ଘଟିକା ସମୟରେ ଉପଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି | ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସଦର ତହସିଲଦାର ଙ୍କ କାର୍ଯ୍ୟାଳୟ ଏବଂ website ରୁ କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ଅସ୍ଥାୟୀ ଯାନବାହାନ ଷ୍ଟାଣ୍ଡ ର ତଥା ଉତ୍ସର ନମ୍ବର, ନାମ, ପ୍ଲଟ୍ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସହିତ ଧାର୍ଯ୍ୟ ମୂଲ୍ୟ ଦେଖି ସାଧା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ଠିକଣାସହ ସୈରାତ ଉତ୍ସର ନମ୍ବର ଏବଂ ନାମ ତଥା ଉତ୍ସଟିକୁ କେତେ ଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ତାହା ଉଲ୍ଲେଖ କରି ଦସ୍ତଖତ ସହ ଜଉମୁଦ ଲଫାପାରେ ଉପ-ଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇବେ।

ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ **5:30** ଘଟିକା **ତା-17-12-2019**. ବନ୍ଦ ଲଫାପା ଉପରେ **Tender Paper for Temporary Vehicle Stand for ODI Cricket Match 2019** ଲେଖା ରହିବ | ଉତ୍ସର ମୂଲ୍ୟ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇପାରେ | ଟେଣ୍ଡର ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟମୂଲ୍ୟର ଦଶ ଶତାଂଶ (10%) ଅମାନତ ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ | ଏହି ବ୍ୟାଙ୍କ୍ ଡ୍ରାଫ୍ଟଟି ତହସିଲଦାର ସଦର କଟକଙ୍କ ସପକ୍ଷରେ ଓ ଦେୟ **(Payable S.B.I. Main Branch, Cuttack)** ହୋଇଥିବା ଆବଶ୍ୟକ, ଯେଉଁ ବ୍ୟକ୍ତି ବିଶେଷ ବିଗତ ବର୍ଷର ସୈରାତ ବାବଦକୁ ବକେୟା ଦେୟ ପରିଶୋଧ କରି ନଥିବେ ସେ ନିଲାମରେ ଭାଗ ନେଇ ପାରିବେ ନାହିଁ | ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତି ନିଲାମ ଯଥାକ୍ରମେ 19/12/2019 ପୂର୍ବାହ୍ନ **11:30** (ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ 5.30 ଘଟିକା ତା-18-12-2019) ଏବଂ 20/12/2019 ପୂର୍ବାହ୍ନ **11:30** (ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ 5.30 ଘଟିକା ତା-19-12-2019)ସମୟରେ ଅନୁଷ୍ଠିତ ହେବ ।କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି |

ତହସିଲଦାର, ସଦର, କଟକ

# ସର୍ତ୍ତାବଳୀ

1. ନିଲାମ ଗ୍ରହିତା ଧାର୍ଯ୍ୟ କରାଯାଇଥିବା ମହାସୁଲ ଯାନଗୁଡିକରୁ ନିମ୍ନମତେ ଆଦାୟ କରିବେ।

| | | |
|---|---|---|
| ସାଇକେଲ୍ | - | ଟ.05.00 |
| ଦୁଇ ଚକିଆ ଯାନ | - | ଟ.20.00 |
| ଚାରି ଚକିଆ ଯାନ | - | ଟ.50.00 |

2. ମହାସୁଲର ଏକ ତାଲିକା ସଂପୃକ୍ତ ଷ୍ଟାଣ୍ଡ ର ସମ୍ମୁଖ ଭାଗରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବେ, ଉକ୍ତ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରିପାରିବେ ନାହିଁ ।

3. ଏ ବାବଦରେ ଏକ ମୁଖଲିକା ପତ୍ର ଦେବେ, ଯଦି କୌଣସି ନିଲାମଧାରୀ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରନ୍ତି ତେବେ ଉକ୍ତ ନିଲାମକୁ ରଦ୍ଦ କରଦିଆଯିବ ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ।

4. କୌଣସି କାରଣ ନଦର୍ଶାଇ ନିଲାମ ଅଧିକାରୀ ନିଲାମକୁ ସ୍ଥଗିତ ବା ରଦ୍ଦ କରିପାରିବେ।

5. ପ୍ରତ୍ୟେକ ନିଲାମଧାରୀ ଷ୍ଟାଣ୍ଡ ନମ୍ବର ତଥା ନାମ ଏବଂ ପ୍ରଶାସନ ଦ୍ୱାରା ବିଭିନ୍ନ ଯାନପାଇଁ ଧାର୍ଯ୍ୟ କରାଯାଇ ଥିବା ମୂଲ୍ୟକୁ ଉଲ୍ଲେଖ କରି ଦୂରକୁ ଦେଖାଗଲାପରି ନିଜ ଖର୍ଚ୍ଚରୁ Flex Printing କରି Banner ମାରିବେ ।

6. ଆବେଦନକାରୀ ଙ୍କ ନାମରେ କୌଣସି ଫୌଜଦାରୀ ମାମଲା ରୁଜ୍ଜୁ ହୋଇନଥିବ ।

7. ଆବେଦନକାରୀ ଦରଖାସ୍ତ ସହିତ ଫଟୋ ପରିଚୟ ପତ୍ର ଯେପରିକି EPIC/Adhaar/Driving License ର ନକଲ ସଂଲଗ୍ନ କରିବେ ।

ତହସିଲଦାର , ସଦର , କଟକ

## ବିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ପାଇଁ ନିଲାମ ହେବାକୁ ଥିବା ଅସ୍ଥାୟୀ ଯାନବାହାନର ରହଣିସ୍ଥଳର ବିବରଣୀ

### ଯାନବାହାନର ରହଣିସ୍ଥଳ ( ଅସ୍ଥାୟୀ) ତା-୨୨/୧୨/୨୦୧୯

| କ୍ରମିକ ନଂ | ମିସ୍ ସୈରାତ୍ କେଶ୍ ନଂ | ସୈରାତର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ଏରିଆ (Acre) | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
|---|---|---|---|---|---|---|---|
| 1 | ୧୧/୨୦୧୯-୨୦ | ଖ୍ରୀଷ୍ଟିୟାନ୍ ସାହି ଖେଳ ପଡିଆ | ୟୁନିଟ୍ - ୨, ବାରବାଟୀ କିଲ୍ଲା | 21 | 240<br>19 | Ac.1.000<br>Ac.2.500 | Rs.40,000.00 |
| 2 | ୧୨/୨୦୧୯-୨୦ | ଦୟାଶ୍ରମ ସମ୍ମୁଖ | ୟୁନିଟ୍ - ୨, ବାରବାଟୀ କିଲ୍ଲା | 21 | 146 | Ac.2.478 | Rs.40,000.00 |
| 3 | ୧୩/୨୦୧୯-୨୦ | ମହାନଦୀ ପୂର୍ବ (ମାଛୁଆ ବଜାର ଗଡା) | ୟୁନିଟ୍ - ୪, ମହନଦୀ | 2 | 78 | Ac.10.000 | Rs.80,000.00 |
| 4 | ୧୪/୨୦୧୯-୨୦ | କାଣ୍ଡିକେଶ୍ୱର ଗଡା | ୟୁନିଟ୍ - ୪, ମହନଦୀ | 2 | 49 | Ac.2.700 | Rs.80,000.00 |

୨୧/୧୨/୧୯

ତହସିଲଦାର, ସଦର, କଟକ